

OTET P-1 EXAM QUESTION BANK (SUBJECT WISE & SHIFT WISE PREVIOUS YEAR QUESTIONS & ANSWER 2021 To 2013)

more

~~₹100.00~~ ₹79.00

Demo Pdf (OTET PAPER-1)- Download

Validity- 1 Year...

more

ADD TO CART | BUY NOW

OTET P-2 EXAM QUESTION BANK (SUBJECT WISE & SHIFT WISE PREVIOUS YEAR QUESTIONS & ANSWER 2021 To 2013)

more

~~₹100.00~~ ₹79.00

Demo Pdf (OTET PAPER-2)- Download

Validity- 1 Year...

more

ADD TO CART | BUY NOW

Download Tech Of World App WtsApp/Call- 8596976190

Odisha Teacher Eligibility Test

OTET QUESTION PAPER 2012

No. of Questions : 150

OTET 2012

29.05.17

SET - A

TIME : 1 HOUR 30 MINUTES

PAPER - II

FULL MARKS : 150

Techofworld.In

Roll No.

ନିର୍ଦ୍ଦେଶାବଳୀ

୧ । ଉକ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହ ପଢ଼ ।

୨ । ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଫର୍ମ ପୂରଣ କରିବା ସମୟରେ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ପ୍ରମାଣିତ ହୁଏ, ତେବେ ପ୍ରାର୍ଥିତ୍ୱ ନାକଚ ହୋଇଯିବ ।

୩ । ପରୀକ୍ଷା ଦେବା ପାଇଁ ପ୍ରବେଶ ପତ୍ର ଓ ପ୍ରାପ୍ତିସ୍ୱୀକାର ପତ୍ର ସଙ୍ଗରେ ଆଣନ୍ତୁ । ପରୀକ୍ଷା ଗୃହରେ ଆବଶ୍ୟକ ସ୍ଥଳେ ଏହାକୁ ଉପସ୍ଥାପନ କରନ୍ତୁ ।

୪ । ଦୟାପୂର୍ବକ ଉପସ୍ଥାନ ଫର୍ଦ୍ଦରେ ନିରୀକ୍ଷକଙ୍କ ଉପସ୍ଥିତିରେ ନିଜର ପୂର୍ଣ୍ଣ ଦସ୍ତଖତ କରନ୍ତୁ ।

୫ । ଓ.ଏମ୍.ଆର୍. ଫର୍ଦ୍ଦରେ ଥିବା ବୃତ୍ତକୁ କଳା କିମ୍ବା ନୀଳରଙ୍ଗର ବଲ୍ ପଏଣ୍ଟ କଲମରେ ସମ୍ପୂର୍ଣ୍ଣ ରୂପେ କଳା/ ନୀଳ କରନ୍ତୁ ।

୬ । ନିଜର **ରୋଲ ନମ୍ବର** ନିର୍ଦ୍ଧାରିତ କୋଠରିରେ ଠିକ୍‌ଭାବେ ଲେଖନ୍ତୁ ।

୭ । ଏହି ପ୍ରଶ୍ନପତ୍ର ପୁସ୍ତିକାଟି ନିର୍ଦ୍ଦେଶ ନ ପାଇବା ପୂର୍ବରୁ ଖୋଲନ୍ତୁ ନାହିଁ ।

୮ । କେବଳ କଲମ ଓ ପେନ୍‌ସିଲ୍ ବ୍ୟତୀତ ଅନ୍ୟ କୌଣସି ଜିନିଷ ପରୀକ୍ଷା ଗୃହ ଭିତରକୁ ନିଅନ୍ତୁ ନାହିଁ ।

୯ । ଇଲେକ୍ଟ୍ରୋନିକ୍ ଯନ୍ତ୍ରାଦି; ଯଥା– କାଲ୍‌କୁଲେଟର, ସ୍ଲାଇଡ୍ ରୁଲର, ମୋବାଇଲ୍ ଫୋନ୍, ଲଗ୍ ଟେବୁଲ, କ୍ୟାମେରା ଇତ୍ୟାଦି ପରୀକ୍ଷା ଗୃହକୁ ନେବା ନିଷିଦ୍ଧ ।

୧୦ । ଏହି ପୁସ୍ତିକାରେ ଲିଖିତ ପୃଷ୍ଠା ସଂଖ୍ୟା, ପ୍ରଶ୍ନସଂଖ୍ୟା ଏବଂ ପୁସ୍ତିକା ନମ୍ବର ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ ପାଞ୍ଚ ମିନିଟ୍ ଭିତରେ ଏହା ବଦଳରେ ଅନ୍ୟ ଏକ ପୁସ୍ତିକା ନିରୀକ୍ଷକଙ୍କଠାରୁ ମାଗି ନିଅନ୍ତୁ । ପାଞ୍ଚ ମିନିଟ୍ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

୧୧ । କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷା ଗୃହ ଛାଡ଼ିଯିବାକୁ ଅନୁମତି ଦିଆଯିବ ନାହିଁ ।

୧୨ । ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଅନୁସାରେ ପରୀକ୍ଷା ଗୃହରେ ଶୃଙ୍ଖଳା ରଖିବାକୁ ହେବ ।

୧୩ । ପରୀକ୍ଷା ନିୟମ ଭଙ୍ଗ କଲେ, ପ୍ରାର୍ଥିତ୍ୱ ନାକଚ କରିଦିଆଯିବ ।

୧୪ । ପରୀକ୍ଷାର ଶେଷ ୨୦ ମିନିଟ୍ ମଧ୍ୟରେ ପରୀକ୍ଷାର୍ଥୀମାନେ ଶୌଚାଳୟକୁ ଯାଇ ପାରିବେ ନାହିଁ ।

INSTRUCTIONS

1. Read the instructions carefully.
2. The admission to the examination is provisional. In the event of any information furnished by the candidate found false / in-correct / incomplete or illegible detected at any stage, the candidature shall be rejected.
3. Please bring the admit card and the acknowledgement card for admission to the examination and produce the same as and when required.
4. Please put your full signature in the descriptic roll-sheet in presence of the invigilator.
5. **Darken the circles in the OMR Sheets with Blue / Black ball point pen only.**
6. Write your **Roll No.** correctly in the space provided.
7. Do not open this Booklet until instructed.
8. Do not take any other materials to the examination hall other than pen and pencil.
9. Electronic devices such as calculators, Slide rulers, cell phones, log tables, camera etc. not to be taken to the examination hall.
10. Please check the No. of printed pages, Question Booklet Serial No. and in case of any discrepancy, exchange the same within **five minutes** and thereafter no complaint shall be entertained.
11. No candidate shall be permitted to leave the examination hall until the examination is over.
12. Discipline must be maintained in the examination hall as per the Odisha conduct of Examination Act 1988.
13. The candidature **is liable for rejection** in the event of any infringement of the instructions mentioned above.
14. The candidates are not allowed to go to toilet during the last twenty minutes of the examination.

Join Us- TOW

Download Tech Of World App WtsApp/Call- 8596976190

ଶିଶୁ ବିକାଶ ଓ ଶିକ୍ଷା
CHILD DEVELOPMENT AND PEDAGOGY

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦର ସଂପୃକ୍ତ ବୃତ୍ତଟିକୁ ନୀଳ/କଳା ବଲ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନୀଳ/କଳା କର ।

Techofworld.In

Each question has four possible / probable answers. Choose the correct answer from among them and darken the appropriate circle in the OMR Sheet with Blue / Black ball point pen.

1. କୌତୂହଳ କେଉଁ ପ୍ରକାର ବିକାଶର ଏକ ଉଦାହରଣ ?
   (A) ଶାରୀରିକ
   (B) ଆବେଗିକ
   (C) ବୌଦ୍ଧିକ
   (D) ସାମାଜିକ

2. କେଉଁ କ୍ରିୟା ମନୁଷ୍ୟର ସାରା ଜୀବନ ସଂଗଠିତ ହୋଇଥାଏ ?
   (A) ଶାରୀରିକ ଅଭିବୃଦ୍ଧି
   (B) ଶିକ୍ଷଣ ପ୍ରକ୍ରିୟା
   (C) ବୌଦ୍ଧିକ ଅଭିବୃଦ୍ଧି
   (D) ସାମାଜିକ ଅଭିବୃଦ୍ଧି

3. କେଉଁ ଉପାଦାନ ଉପରେ ଶିଶୁର ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ ନାହିଁ ?
   (A) ଶିକ୍ଷକଙ୍କର ଜ୍ଞାନ
   (B) ସହ-ଶିକ୍ଷାର୍ଥୀଙ୍କ ସହିତ ସମ୍ପର୍କ
   (C) ପରିବାରର ଆର୍ଥିକ ଅବସ୍ଥା
   (D) ପିତାମାତାଙ୍କ ମଧ୍ୟରେ କଳହ

4. କେଉଁ ଶିକ୍ଷଣ ତତ୍ତ୍ୱ ଅନୁସାରେ ଶିକ୍ଷାର୍ଥୀ ସ୍ୱଳ୍ପ ନିଷ୍ଫଳ ପ୍ରଚେଷ୍ଟା ପରେ ହଠାତ୍ ସିଦ୍ଧାନ୍ତରେ ଉପନୀତ ହୁଏ ?
   (A) ପ୍ରଯତ୍ନ-ପ୍ରମାଦ ତତ୍ତ୍ୱ
   (B) ଅନ୍ତର୍ଦୃଷ୍ଟି ମତବାଦ
   (C) ସାପେକ୍ଷ ପ୍ରତିବର୍ତ୍ତ ମତବାଦ
   (D) କ୍ଷେତ୍ରୀୟ ମତବାଦ

5. ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା କେଉଁ ଶ୍ରେଣୀର ମୂଲ୍ୟାୟନ ?
   (A) ବ୍ୟବସ୍ଥାନ
   (B) ଗଠନମୂଳକ
   (C) ନୈଦାନିକ
   (D) ସାମଗ୍ରିକ

6. ହରଲକ୍‌ଙ୍କ ମତରେ ଆଦ୍ୟ-ବାଲ୍ୟାବସ୍ଥାର ବୟସ ସୀମା କେତେ ?
   (A) ୦ ରୁ ୬
   (B) ୨ ରୁ ୬
   (C) ୨ ରୁ ୧୦
   (D) ୦ ରୁ ୨

7. କେଉଁ ତିନୋଟି ବିଷୟ ପ୍ରଶ୍ନ ପଚାରିବା କୌଶଳ ସହ ସମ୍ପୃକ୍ତ ?
   (A) ପ୍ରଶ୍ନର ଗଠନ, ପଚାରିବା ଶୈଳୀ ଓ ଶିକ୍ଷକଙ୍କ ବ୍ୟକ୍ତିତ୍ୱ
   (B) ପ୍ରଶ୍ନ ପଚାରିବା ଶୈଳୀ, ପ୍ରଶ୍ନର ପରିଣାମ ଓ ଶିକ୍ଷକଙ୍କ ବ୍ୟକ୍ତିତ୍ୱ
   (C) ପ୍ରଶ୍ନର ଗଠନ, ପ୍ରଶ୍ନର ପରିଣାମ ଓ ଶିକ୍ଷକଙ୍କ ବ୍ୟକ୍ତିତ୍ୱ
   (D) ପ୍ରଶ୍ନର ଗଠନ, ପଚାରିବା ଶୈଳୀ ଓ ପ୍ରଶ୍ନର ପରିଣାମ

8. ଶିକ୍ଷାର୍ଥୀମାନଙ୍କର ଆଚରଣ ଅଧ୍ୟୟନ ପାଇଁ କେଉଁ ପଦ୍ଧତି ଅନୁସରଣ କରିବା ଶିକ୍ଷକଙ୍କ ପକ୍ଷରେ ସମ୍ଭବପର ନୁହେଁ ?
   (A) ପର୍ଯ୍ୟବେକ୍ଷଣ
   (B) ସାକ୍ଷାତ୍‌କାର
   (C) ସଂପରୀକ୍ଷଣ
   (D) ପାରିବାରିକ ସ୍ଥିତି

9. ସୃଜନଶୀଳ ବ୍ୟକ୍ତିଙ୍କଠାରେ କେଉଁ ଗୁଣଟି ଦେଖାଯାଇ ନଥାଏ ?
   (A) ଅଧିକ ସ୍ମରଣ ଶକ୍ତି
   (B) ମୌଳିକତା
   (C) ନିର୍ଭରଶୀଳତା
   (D) ସ୍ୱାଧୀନ ଚିନ୍ତା

Join Us- TOW

Download Tech Of World App WtsApp/Call- 8596976190

10. କେଉଁଟି ପେଶୀୟ ଶିକ୍ଷଣ ଅନ୍ତର୍ଗତ ନୁହେଁ ?
(A) ଚିତ୍ର ଅଙ୍କନ କରିବା
(B) କଥା କହିବା
(C) ବିନ୍ଦୁ ଯୋଡ଼ିବା
(D) ସାଇକେଲ୍ ଚାଳନା କରିବା

11. ଶ୍ରବଣ ଦୋଷଯୁକ୍ତ ଶିକ୍ଷାର୍ଥୀ ପାଇଁ ଶିକ୍ଷକ ଶ୍ରେଣୀ କକ୍ଷରେ କି ବ୍ୟବସ୍ଥା କରିବେ ?
(A) କଳାପଟାରେ ଲେଖିବା ସମୟରେ ପଢ଼ିବେ
(B) ଶିଶିକୁ ଆଗବେଞ୍ଚରେ ବସାଇବେ
(C) ଅଧିକ ଦୃଶ୍ୟଶ୍ରାବ୍ୟ ଉପକରଣ ବ୍ୟବହାର କରିବେ
(D) କଳାପଟାରେ ବଡ଼ ଅକ୍ଷରରେ ଲେଖିବେ

12. ଶିଶୁର ଧାରଣ ଶକ୍ତି ବଢ଼ାଇବା ପାଇଁ ଶିକ୍ଷକ କ'ଣ କରିବେ ?
(A) ଉପଯୁକ୍ତ ଉଦ୍ଦୀପକ ବ୍ୟବହାର କରିବେ
(B) ବାରମ୍ବାର ପରୀକ୍ଷଣ ବ୍ୟବସ୍ଥା କରିବେ
(C) ନୈଦାନିକ ପରୀକ୍ଷଣ ବ୍ୟବସ୍ଥା କରିବେ
(D) ବିଷୟବସ୍ତୁର ବାରମ୍ବାର ଶିକ୍ଷଣ ବ୍ୟବସ୍ଥା କରିବେ

13. ବାହ୍ୟିକ ଅଭିପ୍ରେରକ ହିସାବରେ କେଉଁଟି ବାରମ୍ବାର ବ୍ୟବହାର କରିବା ଅନୁଚିତ୍ ?
(A) ପ୍ରଶଂସା
(B) ପୁରସ୍କାର
(C) ଶାସ୍ତି
(D) ପ୍ରତିଯୋଗିତା

14. କେଉଁଟି ଶିକ୍ଷଣ-ପ୍ରକ୍ରିୟାର ଲକ୍ଷଣ ନୁହେଁ ?
(A) ଏକ ନିରବଚ୍ଛିନ୍ନ ପ୍ରକ୍ରିୟା
(B) ବ୍ୟବହାରରେ ପରିବର୍ତ୍ତନ ଆଣେ
(C) ଏକ ସାମାଜିକ ପ୍ରକ୍ରିୟା
(D) ଏକ ଆମୂଳୀ ପ୍ରକ୍ରିୟା

15. ଶିକ୍ଷାର୍ଥୀ-କେନ୍ଦ୍ରିକ ଶିକ୍ଷାଦାନ ପଦ୍ଧତି ପାଇଁ କେଉଁଟି ଠିକ୍ ?
(A) ଶିକ୍ଷକ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରନ୍ତି
(B) ଶିକ୍ଷାର୍ଥୀ ମୁଖସ୍ଥ କରି ଶିକ୍ଷାଲାଭ କରନ୍ତି
(C) ଶ୍ରେଣୀ ଗୃହରେ ଶିକ୍ଷକଙ୍କ ଉପସ୍ଥିତି ଅନାବଶ୍ୟକ
(D) ଶିକ୍ଷାର୍ଥୀ ସକ୍ରିୟ ଥିବା ବେଳେ ଶିକ୍ଷକ ପୂରାପୂରି ନିଷ୍କ୍ରିୟ ରହନ୍ତି ।

16. ନିମ୍ନଲିଖିତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି 'ମୂଲ୍ୟାୟନ'କୁ ବୁଝାଉଛି ?
(A) ହରି ଗଣିତରେ 90 ନମ୍ବର ରଖିଛି
(B) A ଶହେ ମିଟର ଦୌଡ଼ 1 ମିନିଟ୍‌ରେ ସମାପ୍ତ କରି ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କଲା
(C) ବାସୁ ଏକ ମିନିଟ୍‌ରେ 40 ଶବ୍ଦ ଟାଇପ୍ କରେ
(D) ରାମ ହରି ଅପେକ୍ଷା ଗଣିତରେ ଅଧିକ ନମ୍ବର ରଖିଛି

17. କେଉଁ ଉକ୍ତିଟି ଶିକ୍ଷକ-କୈନ୍ଦ୍ରିକ ଶିକ୍ଷଣ ପାଇଁ ପ୍ରଯୁଜ୍ୟ ?
(A) ଶିକ୍ଷାର୍ଥୀ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ପାଏ
(B) ଅନ୍ୟମନସ୍କ ହେବା ପାଇଁ ସୁଯୋଗ ନ ଥାଏ
(C) ଅଳ୍ପବୁଦ୍ଧି ସମ୍ପନ୍ନ ପିଲା ପାଇଁ ଅଧିକ ଉପଯୋଗୀ
(D) ଶିକ୍ଷକ ବହୁତ ସକ୍ରିୟ ହୁଅନ୍ତି

18. "Hit the iron when hot" ଏହି ଉକ୍ତିଟି ଥର୍ଣ୍ଡାଇକ୍‌ଙ୍କ କେଉଁ ଶିକ୍ଷଣ ନିୟମ ଉପରେ ପର୍ଯ୍ୟବସିତ ?
(A) ପ୍ରସ୍ତୁତି ନିୟମ
(B) ଅନୁଶୀଳନ ନିୟମ
(C) ଫଳାଫଳ ନିୟମ
(D) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

19. ପ୍ରଥମ ବୁଦ୍ଧି ପରୀକ୍ଷଣ କିଏ ପ୍ରସ୍ତୁତ କରିଥିଲେ ?
(A) ସିରିଲ୍ ବର୍ଟ୍
(B) ଆଲଫ୍ରେଡ୍ ବିନେ
(C) ଏମ୍.ଏ.ମେରିଲି
(D) ଏଲ୍.ଏମ୍. ଟରମ୍ୟାନ୍

20. କେଉଁଟି ବୁଦ୍ଧିର ଏକ ସ୍ୱରୂପ ?
(A) ବଂଶଗତ ଏବଂ ପରିବେଷ୍ଟନୀ ଦ୍ୱାରା ପ୍ରଭାବିତ ହୋଇ ନଥାଏ
(B) ପରିବେଷ୍ଟନୀର ଏକ ଦାନ
(C) ଏକ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ବୃଦ୍ଧି ପାଏ
(D) ଜୀବନସାରା ବୃଦ୍ଧି ପାଏ

Techofworld.In
Techofworld.In
Join Us-

Download Tech Of World App WtsApp/Call- 8596976190

21. ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ ଶିକ୍ଷକଙ୍କୁ କିପରି ସାହାଯ୍ୟ କରେ ?
(A) ପଢ଼ାଇବା ପାଇଁ ପାଠ୍ୟ ସମ୍ବନ୍ଧରେ ଅଧିକ ଜ୍ଞାନ ଲାଭ କରିବା ପାଇଁ
(B) ଶିଶୁର ପାରିବାରିକ ଇତିହାସ ଜାଣିବା ପାଇଁ
(C) ଶିଶୁର ଶ୍ରେଣୀ ସାଙ୍ଗମାନଙ୍କ ସହିତ ସମ୍ପର୍କ ଜାଣିବା ପାଇଁ
(D) ନିଜର ବୃତ୍ତିଗତ ଦକ୍ଷତା ବଢ଼ାଇବା ପାଇଁ

22. ଶିକ୍ଷାଦାନ ସମୟରେ କେଉଁ ମୂଲ୍ୟାୟନ କରାଯାଏ ତାହା କେଉଁ ଶ୍ରେଣୀର ?
(A) ବ୍ୟବସ୍ଥାନ
(B) ଗଠନମୂଳକ
(C) ନୈଦାନିକ
(D) ସମାପ୍ତିସୂଚକ

23. ଶିଶୁ କେନ୍ଦ୍ରିକ ଶିକ୍ଷାଦାନରେ କ'ଣ ହୁଏ ?
(A) ଶିଶୁ ଆପେ ଆପେ ଶିକ୍ଷା ଲାଭ କରେ
(B) ଶିକ୍ଷକଙ୍କ ଅପେକ୍ଷା ଶିଶୁ ଅଧିକ ସକ୍ରିୟ ରହେ
(C) ଶିକ୍ଷକ ଶିଶୁକୁ ଅଧିକ ପଢ଼ା ଦିଅନ୍ତି
(D) ଶିକ୍ଷଣରେ ଶିକ୍ଷକଙ୍କ ଉପସ୍ଥିତି ଅନାବଶ୍ୟକ

24. ବସ୍ତୁନିଷ୍ଠ ପ୍ରଶ୍ନ କ'ଣ ?
(A) ଯେଉଁ ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟକୁ ମାପ କରେ
(B) ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରିତ ପ୍ରଶ୍ନ
(C) ଏକ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ
(D) ଏକାଧିକ ଶିକ୍ଷଣ ଉଦ୍ଦେଶ୍ୟ ପରିମାପକ ପ୍ରଶ୍ନ

25. ଗୋଟିଏ ପରୀକ୍ଷଣରେ ବିଶ୍ୱସନୀୟତା କିପରି ମାପ କରାଯାଏ ?
(A) ଏକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ ଦଳଙ୍କୁ ଦୁଇଥର ପରୀକ୍ଷା କରି ପ୍ରାପ୍ତାଙ୍କ ମଧ୍ୟରେ ସହସମ୍ପର୍କାଙ୍କ ନିର୍ଣ୍ଣୟ କରାଯାଏ
(B) ଦଳେ ଛାତ୍ରଙ୍କୁ ଦୁଇ ଭାଗରେ ବିଭକ୍ତ କରି ପରୀକ୍ଷା କରାଯାଏ ଏବଂ ପ୍ରାପ୍ତାଙ୍କଗୁଡ଼ିକ ମଧ୍ୟରେ ତୁଳନା କରାଯାଏ
(C) ଦୁଇ ପୃଥକ୍ ଦଳ ଛାତ୍ରଙ୍କୁ ପରୀକ୍ଷା କରି ସହ ସମ୍ପର୍କାଙ୍କ ନିର୍ଣ୍ଣୟ କରାଯାଏ
(D) ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷଣକୁ ବିଶ୍ଳେଷଣ କରାଯାଏ

26. କେଉଁଟି ବୁଦ୍ଧିର ଏକ ସ୍ୱରୂପ ଅଟେ ?
(A) ଏହା ସାରା ଜୀବନ ବୃଦ୍ଧି ପାଏ
(B) ବୁଦ୍ଧିର ବଂଶାନୁଗତି ସହ କିଛି ସମ୍ପର୍କ ନାହିଁ
(C) ବୁଦ୍ଧିର ପରିବେଷ୍ଟନୀ ସହ କିଛି ସମ୍ପର୍କ ନାହିଁ
(D) ଏକ ନିର୍ଦ୍ଦିଷ୍ଟ ବୟସ ସୀମା ପର୍ଯ୍ୟନ୍ତ ବୃଦ୍ଧିପାଏ

27. ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ ହେଉଛି:
(A) ପାଠ୍ୟପୁସ୍ତକ
(B) ଶିକ୍ଷକ
(C) ଶିକ୍ଷାର୍ଥୀ
(D) ପାଠ୍ୟକ୍ରମ

28. ଶିକ୍ଷାର୍ଥୀର ଅଭିବୃଦ୍ଧି ଓ ବିକାଶର କେଉଁ ଅବସ୍ଥାକୁ 'Period of Stress and strain' କୁହାଯାଏ ?
(A) ଶୈଶବ ଅବସ୍ଥା
(B) ଆଦ୍ୟ ବାଲ୍ୟାବସ୍ଥା
(C) ପ୍ରାକ୍ ବାଲ୍ୟାବସ୍ଥା
(D) କୈଶୋରାବସ୍ଥା

29. ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ବିଚାର୍ଯ୍ୟ ନୁହେଁ ?
(A) ଶିକ୍ଷାର୍ଥୀର ଆବଶ୍ୟକତା
(B) ପିତାମାତାଙ୍କର ମତ
(C) ସାମାଜିକ ମୂଲ୍ୟବୋଧ
(D) ବିଶେଷଜ୍ଞଙ୍କ ମତ

30. ଶିକ୍ଷଣ ଅପାରଗ ଶିକ୍ଷାର୍ଥୀଙ୍କର ସାଧାରଣ ଲକ୍ଷଣ କ'ଣ ?
(A) ବୁଦ୍ଧ୍ୟାଙ୍କ ୭୦ରୁ କମ୍ ଓ ଅତି ନିମ୍ନମାନର ଶିକ୍ଷଣ ଉପଲବ୍ଧି
(B) ବୁଦ୍ଧ୍ୟାଙ୍କ ୭୦ ରୁ ୮୫ ମଧ୍ୟରେ ଓ ଅତି ନିମ୍ନମାନର ଶିକ୍ଷଣ ଉପଲବ୍ଧି
(C) ସାଧାରଣ ବୁଦ୍ଧ୍ୟାଙ୍କ ଏବଂ ବୁଦ୍ଧ୍ୟାଙ୍କ ତୁଳନାରେ ନିମ୍ନମାନର ଶିକ୍ଷଣ ଉପଲବ୍ଧି
(D) ଉଚ୍ଚ ବୁଦ୍ଧ୍ୟାଙ୍କ ଏବଂ ନିମ୍ନମାନର ଶିକ୍ଷଣ ଉପଲବ୍ଧି

Techofworld.In
Join Us- TOW

Download Tech Of World App WtsApp/Call- 8596976190

Techofworld.In

ନିମ୍ନ ଅନୁଚ୍ଛେଦଗୁଡ଼ିକୁ ପାଠକରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ପ୍ରଶ୍ନ ନଂ ୩୧ ରୁ ୩୫)

୧. ପ୍ରଥମ ଓ ପ୍ରଧାନ ଶୈକ୍ଷିକ ବିପ୍ଳବ ହେଲା : ସମଗ୍ର ଜାତି ପାଇଁ କେବଳ ଗୋଟିଏ ମାତ୍ର ଶିକ୍ଷା ପଦ୍ଧତିର ପ୍ରଚଳନ । ହାକିମଙ୍କ ପୁଅ ଗୋଟିଏ ରୀତିରେ ପୁଣି ଆଦିବାସୀଙ୍କ ପିଲେ ଆଉ ଗୋଟିଏ ରୀତିରେ ପାଠ ପଢ଼ିବେ, ଏହା କୌଣସି ସଭ୍ୟ ଜାତି ପକ୍ଷରେ ସୁନ୍ଦର ନୁହେଁ । ଏହା ପୁଣି ଏକ ପକ୍ଷରେ ଭୀଷଣ ଅପବ୍ୟୟଶୀଳ ଓ ଅନ୍ୟପକ୍ଷରେ ଏକ ମହାଜାତିର ଗଠନରେ ସାହାଯ୍ୟ କରିବା ପରିବର୍ତ୍ତେ ଚିରକାଳ ଏହା ଜାତିକୁ ଖଣ୍ଡ ଖଣ୍ଡ କରି ରଖିବ ।

୨. ବିଦେଶୀ ଅମଳର ସରକାରୀ ଓ ବେସରକାରୀ ବୋଲି ଦୁଇଟି ବିପରୀତାତ୍ମକ ଯେଉଁ ଭାବ ଦେଶରେ ଥିଲା ଅନ୍ତତଃ ଶିକ୍ଷା କ୍ଷେତ୍ରରୁ ତା'ର ମୂଳୋତ୍ପାଟନ ଏକାନ୍ତ କାମ୍ୟ । ଆମକୁ ଇଂଲଣ୍ଡ ଆମେରିକା ପରି ସବୁ ଶିକ୍ଷାନୁଷ୍ଠାନକୁ ଲୋକଙ୍କ ହାତରେ ଛାଡ଼ି ଦେବାକୁ ହେବ, ଯାହାକି ଡିମୋକ୍ରାସୀ ବା ଗଣତନ୍ତ୍ର ଭାବର ଅଭିବର୍ଦ୍ଧନ ପାଇଁ ଏକାନ୍ତ ଦରକାର । ନଚେତ୍ କମ୍ୟୁନିଷ୍ଟ ଶାସିତ ଦେଶପରି ସବୁ ଶିକ୍ଷାନୁଷ୍ଠାନକୁ ଏକାନ୍ତରେ ସରକାରୀ କରିବାକୁ ହେବ । ଏହା କିନ୍ତୁ ପଥ ତିଆରି କରିଦେବ ଭବିଷ୍ୟତ ଏକଛତ୍ରବାଦ ପାଇଁ ।

୩. ଯଦି ପ୍ରକୃତ ଶିକ୍ଷାର ବିକାଶ ଆମେ ଚାହୁଁ ତେବେ ଆମର ଶିକ୍ଷକଙ୍କୁ ସ୍କୁଲ ରୂପକ ଛୋଟ ରାଜ୍ୟରେ ପୂରା ସ୍ୱାଧୀନତା ଦେବାକୁ ହେବ । ଡି.ପି.ଆଇ. ବା ଇନ୍‌ସ୍ପେକ୍ଟର କେବଳ ରହିବେ ତାକୁ ଅର୍ଥ ଓ ପରାମର୍ଶ ସାହାଯ୍ୟ ଦେବାକୁ, ଡରେଇବାକୁ ନୁହେଁ ।

୪. ପ୍ରତ୍ୟେକ ଦେଶର ଶିକ୍ଷା ବ୍ୟବସ୍ଥା ଏକାନ୍ତରେ ହେବ ମଧ୍ୟ ଜାତୀୟ ବ୍ୟବସ୍ଥା । ଏହାର ଦୁଇଟି ଦିଗ । ଗୋଟିଏ ହେଉଛି ଏକ ଜାତିର ସଂସ୍କୃତିରେ ଯାହା ଉତ୍କୃଷ୍ଟାଂଶ ତାହାକୁ ବଞ୍ଚେଇ ରଖିବାର ଦାୟିତ୍ୱ ଏକାନ୍ତରେ ସେ ଦେଶର ସ୍କୁଲଗୁଡ଼ିକର । ଜାତୀୟ ଶିକ୍ଷା ପଦ୍ଧତିର ଆଉ ଏକ ଦିଗ ହେଲା ଆମ ଜାତିର ସଂସ୍କୃତିରେ ଯାହା ଦୋଷ ବା ଅଭାବ ରହିଛି, ଆମ ସ୍କୁଲ ଜରିଆରେ ଆଗାମୀ ପୁରୁଷମାନଙ୍କଠାରେ ଯେପରି ସେ ସବୁ ଦେଖା ନ ଯାଏ, ତା'ର ବ୍ୟବସ୍ଥା କରିବାକୁ ହେବ ।

୫. ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକମୁଖୀ କରି ଗୋଟିଏ ମହାନ୍ ଆଦର୍ଶରେ ଗଢ଼ିବା ପାଇଁ ଦେଶରେ ଏକାନ୍ତ ଆବଶ୍ୟକ ସର୍ବଶ୍ରେଣୀର ଶିକ୍ଷାବିତ୍ ଓ ଚିନ୍ତାଶୀଳ ଲୋକଙ୍କର ଏକ ମିଳନ ସଂସ୍ଥା, ଯେଉଁଠାରେ ସମସ୍ୟାଗୁଡ଼ିକ ନିର୍ଭୀକ ଓ ନିରପେକ୍ଷ ଭାବରେ ବିଚାର ହୋଇପାରିବ ଓ କର୍ତ୍ତୃପକ୍ଷ ଯାହାର ବିଚାରକୁ ସମ୍ମାନ ଦେବେ ।

31. ଲେଖକଙ୍କ ମତରେ ଶୈକ୍ଷିକ ବିପ୍ଳବର ଅର୍ଥ :

(A) ଭିନ୍ନ ଭିନ୍ନ ଶିକ୍ଷାର୍ଥୀଙ୍କୁ ଭିନ୍ନ ଭିନ୍ନ ଶିକ୍ଷା ଦିଆଯାଉ

(B) ଶିକ୍ଷା ଏକ ମହାନ୍ ଜାତିଗଠନରେ ସହାୟକ ହେଉ

(C) ଶିକ୍ଷାକ୍ଷେତ୍ରରେ ଏକ ବିପ୍ଳବ ଅଣାଯାଉ

(D) ସଭ୍ୟ ଜାତିପାଇଁ ସୁନ୍ଦର ଶିକ୍ଷା ଦିଆଯାଉ

32. କେଉଁ ଶିକ୍ଷା ଦିଆଗଲେ ଭବିଷ୍ୟତରେ ଏକଛତ୍ରବାଦ ଦେଖାଯାଇପାରେ ବୋଲି ଲେଖକ ଆଶଙ୍କା ପ୍ରକାଶ କରିଛନ୍ତି ?

(A) ବେସରକାରୀ ଶିକ୍ଷା

(B) ଡିମୋକ୍ରାସୀ ଭାବର ଅଭିବର୍ଦ୍ଧନଶୀଳ ଶିକ୍ଷା ଦ୍ୱାରା

(C) ସବୁ ଶିକ୍ଷାନୁଷ୍ଠାନକୁ ସମ୍ପୂର୍ଣ୍ଣ ସରକାରୀ କରିବା ଦ୍ୱାରା

(D) ସବୁ ଶିକ୍ଷାନୁଷ୍ଠାନକୁ ଲୋକଙ୍କ ହାତରେ ଛାଡ଼ି ଦେବା ଦ୍ୱାରା

33. ଲେଖକଙ୍କ ମତରେ ବିଦ୍ୟାଳୟରେ ଶିକ୍ଷକଙ୍କର ଭୂମିକା କିପରି ହେବା ଉଚିତ୍ ?

(A) ଡି.ପି.ଆଇ.ଙ୍କ ପରି ପ୍ରତ୍ୟେକ ବିଷୟରେ ଅନୁଧ୍ୟାନ କରିବେ

(B) ଇନ୍‌ସପେକ୍ଟରଙ୍କ ପରି ସମସ୍ତଙ୍କୁ ଡରାଇ ରଖିବେ

(C) ଗ୍ରାମବାସୀଙ୍କ ପରି ସବୁବେଳେ ବିଦ୍ୟାଳୟରେ ବାସ କରିବେ

(D) ରାଜ୍ୟର ଶାସକରୂପେ ପୂର୍ଣ୍ଣ ସ୍ୱାଧୀନତା ପାଇବେ

34. ପ୍ରତ୍ୟେକ ଦେଶର ଶିକ୍ଷା ବ୍ୟବସ୍ଥାରେ ଯେଉଁ ବ୍ୟବସ୍ଥା ରହିବା କଥା ନିମ୍ନୋକ୍ତ ମଧ୍ୟରୁ କେଉଁଟି ସର୍ବାଧିକ ଗ୍ରହଣଯୋଗ୍ୟ ?

(A) ବିଦ୍ୟାଳୟ ମାଧ୍ୟମରେ ସଂସ୍କୃତିର ଦୋଷଗୁଡ଼ିକୁ ସଂଶୋଧନ କରାଇବା

Join Us-

Download Tech Of World App WtsApp/Call- 8596976190

(B) ବିଦ୍ୟାଳୟ ମାଧ୍ୟମରେ ସଂସ୍କୃତିକୁ ବଞ୍ଚାଇ ରଖିବା

(C) ବିଦ୍ୟାଳୟ ମାଧ୍ୟମରେ ସଂସ୍କୃତି ଓ ଅପସଂସ୍କୃତିକୁ ଭଲ ଭାବରେ ବୁଝାଇଦେବା

(D) ବିଦ୍ୟାଳୟ ମାଧ୍ୟମରେ ସଂସ୍କୃତିର ଭଲ ଦିଗଟିକୁ ଗ୍ରହଣ କରିବା ଓ ଉତ୍ତରପୁରୁଷ ପାଇଁ ସଂସ୍କୃତିର ଦୋଷ ଦୁର୍ବଳତାକୁ ଦେଖାଇ ନ ଦେବାର ବ୍ୟବସ୍ଥା କରିବା

35. ଏହି ପାଞ୍ଚଗୋଟି ପାରାଗ୍ରାଫ୍‌ରେ ଲେଖକ ଯେଉଁ କଥା କହିଛନ୍ତି ତାହା କାର୍ଯ୍ୟକାରୀ କରାଗଲେ -

(A) ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ।

(B) ଶିକ୍ଷାକ୍ଷେତ୍ରରୁ ତୁରନ୍ତ ଦୁର୍ନୀତି ଦୂର ହେବ ।

(C) ଚିନ୍ତାଶୀଳ ବୁଦ୍ଧିଜୀବୀମାନଙ୍କ ମତକୁ ସମ୍ମାନ ଦେଇ ହେବ ।

(D) ଦେଶର ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିବ ।

ନିମ୍ନ କବିତାଟି ପାଠକରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ପ୍ରଶ୍ନ ନଂ ୩୬ ରୁ ୪୦)

୧. ଏ ଦେଶର ମାଟି
ତାହାକୁ ସେ ଭଲପାଏ
ତାହାଲାଗି ନୂଆ ବାରବାଟୀ
ଗଢ଼ିଲା ସେ ହାଡ଼ ମାଂସେ
ନିଃଶ୍ୱାସରେ ଦେଲା ଜୀବନ୍ୟାସ
ହଳଦିଘାଟରୁ ବଡ଼ ଗଢ଼ିଗଲା ଦେଶ ଇତିହାସ ।
ଲୁହ ଢାଳି ତହିଁପରେ ଲେଖିଲା ସେ
ମୁକତିର ଛବି
ଛବି ନୁହେଁ, ତୂଳୀ ନୁହେଁ, ନୁହେଁ ରଂଗ
ସେ ରକ୍ତ କରବୀ ।

୨. ଏ ମାଟିର ସ୍ତନ୍ୟ ପିଇ ଗାଇଲା
ଏ ମାଟିର ଜୟ
ବିଶ୍ୱର ଦୁରନ୍ତ ଶିଶୁ
ମୃତ୍ତିକାର ଚିର ସ୍ତନଂଧୟ !
ଚଂପକ ସମ ସେ ଯେ
ସଉରଭ ରଖି ଗଲା ମରି
ମରଣ ପାରିଲା ନାଇ କଦାପି ତ
ଛୋଟ ତାକୁ କରି ।
ପଦଚିହ୍ନ ତା'ର ଶମଶାନେ କଲାତୀର୍ଥ,
ଦେବାଳୟ ହେଲା ଶବାଗାର ।

୩. ସେ ତ ରୂପକାର
ଏ ପତିତ ଦଗ୍ଧ ମୃତ୍ତିକାର ।
ନିଗାଡ଼ି ଆପଣା ତନୁ, ନିଃଶୋଷି ସେ ନିଜ ରକ୍ତ ଜଳ
ଧରଣୀରେ କରିଚି ଉର୍ବର ।
ଯାହା କିଛି ଅସୁନ୍ଦର, ଯା ବିକଟ ଅଭଦ୍ର ମିଳନ
ଜୀବନର ସମାରୋହେ ଯାହା କରେ କ୍ଲୀବ, କ୍ଲାନ୍ତ,ଦୀନ
ସବୁ ଦଳି ସେ ରକ୍ତ ଯୌବନ
ସଜାଇଚି ଏଥି ଆଜି ସୁନ୍ଦର ର ଚାରୁ ସିଂହାସନ ।।

୪. ଯା କିଛି କୁତ୍ସିତ ଏଥି, ଅଶୋଭନ ଅଶ୍ଳୀଳ ଆବିଳ
ଜୀବନର ଛଂଦ ସାଥେ ନାହିଁ ଯାର ଏତେଟିକେ ମେଳ
ପ୍ରତିବାଦ କରଇ ଯା' ଚିର
ସକଳ ସ୍ୱପନର ଏଥି, ମଣିଷରେ କରଇ ସ୍ଥବିର,
ଦୂର କରି ତା'ର କଳାଛାଇ
ଲୋଡ଼ିଚି ସେ ଏ ଧରାରେ ଆଣିବାକୁ ଅଚକିତେ ବାହି
ସୃଜନର ନୂଆ ଭାଗୀରଥୀ
କ୍ରାନ୍ତିର ସାରଥି ।।

36. ପ୍ରଥମ ପଙ୍‌କ୍ତିରେ କବି କହିବାକୁ ଚାହୁଁଛନ୍ତି :

(A) ବାଜି ରାଉତ ବାରବାଟୀ ନିର୍ମାଣରେ ସହାୟକ ହେଲା

(B) ବାଜି ରାଉତର ଆତ୍ମବଳିଦାନ ଦେଶ ପାଇଁ ନୂଆ ଇତିହାସ ସୃଷ୍ଟି କଲା

(C) ବାଜିରାଉତ ହଳଦିଘାଟଠାରୁ ଦେଶର ଇତିହାସ ଲେଖିବାରେ ସହାୟକ ହେଲା

(D) ବାଜିରାଉତର ହାଡ଼, ରକ୍ତ, ମାଂସ ଯେଉଁଠି ପଡ଼ିଲା ତାହା ଫୁଲ ହୋଇ ଫୁଟିଗଲା

37. ବାଜିରାଉତ ପାଇଁ କବି କ'ଣ କହି ନାହାଁନ୍ତି ?

(A) ମରଣ ତାକୁ ଛୋଟ କରିଦେଲା

(B) ମରଣ ତାକୁ ଛୋଟ କରିପାରିଲା ନାହିଁ

(C) ବାଜିରାଉତର ତ୍ୟାଗ ସୁଗନ୍ଧ ପୁଷ୍ପସମ ସାରା ଦେଶରେ ସଉରଭ ଖେଳାଇ ଦେଲା

(D) ବାଜିରାଉତର ବଳିଦାନ ଶ୍ମଶାନ ଘାଟକୁ ମହାତୀର୍ଥରେ ପରିଣତ କଲା

38. ବାଜିରାଉତର ଆତ୍ମବଳିଦାନ ଦେଶର :

(A) ମୃତ୍ତିକାକୁ ଉର୍ବର କଲା

(B) ଦେଶବାସୀଙ୍କ ମଧ୍ୟରୁ ସକଳ କ୍ଲୀବତ୍ୱକୁ ଦୂର କରି ଏକ ଉଚ୍ଚାଦର୍ଶ ସୃଷ୍ଟି କଲା

(C) ଏକ ସୁନ୍ଦର ସିଂହାସନ ବାଜିରାଉତର ସ୍ମୃତିରେ ତିଆରି ହେଲା

(D) ଦେଶର ଲୋକମାନଙ୍କୁ କ୍ଲାନ୍ତିରୁ ମୁକ୍ତି ଦେଲା

Join Us-

Download Tech Of World App WtsApp/Call- 8596976190

39. ନିମ୍ନୋକ୍ତ କେଉଁ ଶବ୍ଦଟି 'ଚଳତ୍‌ଶକ୍ତିହୀନ'ର ଅର୍ଥକୁ ପ୍ରକାଶ କରୁଛି ।
(A) ଆବିଳ
(B) ଅଶୋଭନ
(C) ସ୍ଥବିର
(D) ଅଶ୍ଳୀଳ

40. ଏହି କବିତାଟି ପଢ଼ାଇବାରେ ଶିକ୍ଷକଙ୍କର ବିଶେଷ ଉଦ୍ଦେଶ୍ୟ ହେବ :
(A) ବାଜିରାଉତର ଚରିତ ସମ୍ପର୍କରେ ସମସ୍ତଙ୍କୁ ଜଣାଇବା
(B) ବାଜିରାଉତର ଅପୂର୍ବର ତ୍ୟାଗ ଓ ଦେଶପ୍ରେମ ସମ୍ପର୍କରେ ଅବହିତ ହେବା
(C) ବାଜିରାଉତର ଚରିତ ପାଠକରି ପିଲାଏ ଭବିଷ୍ୟତରେ କବି ହେବାକୁ ଚେଷ୍ଟା କରିବେ
(D) କବିତାର ରସ, ଛନ୍ଦ ଓ ସୌନ୍ଦର୍ଯ୍ୟ ବୋଧ ସମ୍ପର୍କରେ ଜ୍ଞାନ ଆହରଣ କରିବେ

41. 'ସର୍ବୋର୍ଦ୍ଧ୍ୱ' ସନ୍ଧି ବିଚ୍ଛେଦ କଲେ ହେବ :
(A) ସର୍ବ + ଉର୍ଦ୍ଧ୍ୱ
(B) ସର୍ବ + ଊର୍ଦ୍ଧ୍ୱ
(C) ସର୍ବ + ଉର୍ଦ୍ଧ
(D) ସର୍ବ + ଊର୍ଦ୍ଧ

42. ନିମ୍ନୋକ୍ତ ମଧ୍ୟରୁ ମିଶ୍ରଣର ବିଶେଷଣ କେଉଁଟି ?
(A) ମିଶ୍ର
(B) ମିଶ୍ରିତ
(C) ମିଶ୍ରାଣ
(D) ମିଶ୍ରିୟମାଣ

43. 'ଅଳି'ର ପ୍ରତିଶବ୍ଦ ?
(A) ମଧୁମକ୍ଷୀ
(B) ଝିଣ୍ଟିକା
(C) ମାଛି
(D) ଭ୍ରମର

44. ଆଭିମୁଖ୍ୟ ଶବ୍ଦର ଅର୍ଥ ?
(A) ଲକ୍ଷ୍ୟ
(B) ପରିଶ୍ରମ
(C) ଅଗ୍ରସର
(D) ଘରମୁଖ୍ୟ

45. କେଉଁଟି ଭିନ୍ନ ଜାତୀୟ ଶବ୍ଦ ?
(A) କାବ୍ୟ
(B) ନାଟକ
(C) କିମ୍ବଦନ୍ତୀ
(D) ପୁରାଣ

46. ନାହିଁ ଲୋଭ ଯାହାର ସେ :
(A) ନିଲୋଭ
(B) ନିଃସ୍ୱାର୍ଥ
(C) ନିର୍ଲୋଭୀ
(D) ନିର୍ଲୋଭ

47. ଯେତେଦୂର ଜଣାଯାଏ ଓଡ଼ିଆ ଲିପିର ସୃଷ୍ଟି ____ ଲିପିରୁ ହୋଇଅଛି ।
(A) ଦେବନାଗରୀ
(B) ନାଗରୀ
(C) ବ୍ରାହ୍ମୀ
(D) ଶିଳାଲିପି

48. 'ଫଳନ୍ତି ଗଛ ଫୋପଡ଼ ସହେ' - ଏହି ବାକ୍ୟଟିର ଅର୍ଥ:
(A) ଗଛରେ ଫଳ ହେଲେ ଫୋପଡ଼ ପକାଯାଏ
(B) ଗଛରେ ଫଳ ଧରିଲେ ଗଛ ନଇଁଯାଏ
(C) ଗଛ ଫୋପଡ଼ର ଆଘାତ ସହି ଫଳଦାନ କରେ
(D) ନିଜ ଦେହରେ ଫୋପଡ଼ର ଆଘାତ ସହିବା ପାଇଁ ଗଛ ପ୍ରଚୁର ଫଳ ଉତ୍ପାଦନ କରାଏ

49. 'ଦଶା' ଶବ୍ଦରେ କେଉଁ ପୂର୍ବ ପ୍ରତ୍ୟୟ ବ୍ୟବହାର କଲେ ଖରାପ ପରିସ୍ଥିତି ବୁଝାଯିବ ?
(A) ଅ
(B) ଦୁଃ
(C) ବି
(D) ସୁ

50. ନିମ୍ନୋକ୍ତ କେଉଁ ବାକ୍ୟଟିରେ ବର୍ଣ୍ଣାଶୁଦ୍ଧି ନାହିଁ ?
(A) ମନୀଷୀମାନେ ହରିନାମକୁ ସଂସାରରେ ବିଷାଦ ଓ ଅବସାଦର ଔଷଧ ବୋଲି କହିଛନ୍ତି
(B) ମନୀଷୀମାନେ ହରିନାମକୁ ସଂସାରରେ ବିସାଦ ଓ ଅବସାଦର ଔସଧ ବୋଲି କହିଛନ୍ତି

Techofworld.in

Join Us- TOW

Download Tech Of World App WtsApp/Call- 8596976190

(C) ମନୀଷୀମାନେ ହରିନାମକୁ ସଂସାରରେ ବିଷାଦ ଓ ଅବଶାଦର ଔଷଧ ବୋଲି କହିଛନ୍ତି

(D) ମନିଷୀମାନେ ହରିନାମକୁ ସଂସାରରେ ବିଷାଦ ଓ ଅବଶାଦର ଔଷଧ ବୋଲି କହିଛନ୍ତି

51. ଆଭିଧାନିକ ନିୟମରେ ସଜାଇଲେ କେଉଁ ଶବ୍ଦଟି ପ୍ରଥମେ ରହିବ ?

(A) ସଙ୍କୁଡ଼ି

(B) ସଂକ୍ରାନ୍ତି

(C) ସଞ୍ଜୁଆ

(D) ସନ୍ତକ

52. 'କଇଁକଇଁ-କାନ୍ଦ' ସେହିପରି ଝାଇଁ ଝାଇଁ କ'ଣ ହେବ ?

(A) ପବନ

(B) ଥଣ୍ଡା

(C) ଖରା

(D) ବର୍ଷା

53. 'ମହୀମଣ୍ଡଳଗୀତା ଗ୍ରନ୍ଥ'ର ରଚୟିତା :

(A) ଜଗନ୍ନାଥ ଦାସ

(B) ଅରକ୍ଷିତ ଦାସ

(C) ଅଚ୍ୟୁତାନନ୍ଦ ଦାସ

(D) ଯଶୋବନ୍ତ ଦାସ

54. ମାତୃଭାଷା ଶିକ୍ଷା ପାଇଁ କେଉଁଟି ଉତ୍ତମ ପାଠ୍ୟପୁସ୍ତକ ଲକ୍ଷଣ ଅନ୍ତର୍ଭୁକ୍ତ ନୁହେଁ ?

(A) ସ୍ଥାନୀୟ ପରିବେଶର ପ୍ରତିଫଳନ

(B) ଜାତୀୟ ଲକ୍ଷ୍ୟର ପ୍ରତିଫଳନ

(C) ମୁଖ୍ୟସ୍ଥୀକରଣର ପ୍ରତିଫଳନ

(D) ସର୍ବନିମ୍ନ ଶିକ୍ଷଣ ସ୍ତରର ପ୍ରତିଫଳନ

55. କେଉଁଟି ବସ୍ତୁନିଷ୍ଠ ବା ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ଅନ୍ତର୍ଗତ ନୁହେଁ ?

(A) ମେକଳ ପ୍ରଶ୍ନ

(B) କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ

(C) ସତ୍ୟାସତ୍ୟ ପ୍ରଶ୍ନ

(D) ଶୂନ୍ୟସ୍ଥାନ ପୂରଣ ମୂଳକ ପ୍ରଶ୍ନ

56. ଶିଶୁ ନୂତନ ଶବ୍ଦ କେଉଁ କ୍ରମାନ୍ୱୟରେ ଶିଖେ ?

(A) ଚିହ୍ନଟୀକରଣ, ଅନୁକରଣ, ଭାବ ଉପଲବ୍ଧି, ପୁନଃ ପ୍ରୟୋଗ

(B) ଅନୁକରଣ, ଚିହ୍ନଟୀକରଣ, ଭାବ ଉପଲବ୍ଧି

(C) ପୁନଃ ପ୍ରୟୋଗ, ଅନୁକରଣ, ଭାବଉପଲବ୍ଧି, ଚିହ୍ନଟୀକରଣ

(D) ଭାବଉପଲବ୍ଧି, ଚିହ୍ନଟୀକରଣ, ଅନୁକରଣ, ପୁନଃପ୍ରୟୋଗ

57. ବ୍ୟାକରଣ ପଢ଼ାଇବା ପାଇଁ ନିମ୍ନ ବର୍ଣ୍ଣିତ ପ୍ରଣାଳୀମାନଙ୍କ ମଧ୍ୟରୁ କେଉଁଟି ସର୍ବୋତ୍ତମ ?

(A) ବହିଧରି ସୂତ୍ରଗୁଡ଼ିକୁ ବୁଝାଇବା

(B) ପିଲାଏ ସୂତ୍ରକୁ ପ୍ରଥମେ ମୁଖସ୍ଥ କରିବା

(C) ଉଦାହରଣ ଓ ବିଶ୍ଳେଷଣ ମାଧ୍ୟମରେ ସୂତ୍ରରେ ଉପନୀତ ହେବା

(D) ପ୍ରଥମେ ଶିକ୍ଷକ ସୂତ୍ର କହିବେ ଓ ପରେ ବିବିଧ ଉଦାହରଣ ଦେଇ ବୁଝାଇବେ

58. 'ଅଲିମ୍ପିକ୍ କ୍ରୀଡ଼ା' ବିଷୟରେ ପ୍ରବନ୍ଧଟିଏ ପିଲାଙ୍କୁ ଲେଖିବାକୁ କୁହାଗଲା । ନିମ୍ନୋକ୍ତ ମଧ୍ୟରୁ ଏହା କେଉଁ ଶ୍ରେଣୀର ଅନ୍ତର୍ଗତ ?

(A) ବର୍ଣ୍ଣନାମୂଳକ

(B) ବିବରଣୀମୂଳକ

(C) ଚିନ୍ତାମୂଳକ

(D) ସମାଲୋଚନାମୂଳକ

59. କଥନଠାରୁ ଲିଖନ ଅଧିକ ଉପାଦେୟ କାରଣ :

(A) ଅକ୍ଷରଗୁଡ଼ିକ ନିର୍ଭୁଲ ହେବାରେ ଶିକ୍ଷା ଦିଏ

(B) ଏହା କଳ୍ପନାର ବିକାଶ ଏବଂ ମୁକ୍ତ ଆତ୍ମପ୍ରକାଶ ପାଇଁ ସୁଯୋଗ ଦିଏ

(C) ଧାଡ଼ି ଓ ଧାଡ଼ି ମଧ୍ୟରେ ଉପଯୁକ୍ତ ବ୍ୟବଧାନ ଦେବାର ଅଭ୍ୟାସ କରାଏ

(D) ଆନନ୍ଦ ପ୍ରାପ୍ତି

60. ନାଟକ କିମ୍ବା ଏକାଙ୍କିକା ପଢ଼ାଇବା ବେଳେ ଶିକ୍ଷକ ନିମ୍ନ ବର୍ଣ୍ଣିତ କେଉଁ ପ୍ରଣାଳୀ ଅବଲମ୍ବନ କଲେ ଶିକ୍ଷାଦାନ ଅଧିକ ଫଳପ୍ରଦ ହୋଇପାରିବ ?

(A) ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ଅଭିନୟ କରାଇ ପଢ଼ାଇଲେ

(B) ଉଚ୍ଚସ୍ୱରରେ ସମଗ୍ର ବିଷୟଟିକୁ ପାଠ କରିଦେଲେ

(C) କେବଳ ନାଟକର ଚରିତ୍ର ଓ ବିଷୟବସ୍ତୁ ସମ୍ପର୍କରେ ଜଣାଇଲେ

(D) ନାଟ୍ୟକାରଙ୍କ ଅଭିପ୍ରାୟ ସମ୍ପର୍କରେ ଉତ୍ତମ ଭାବେ ଉପସ୍ଥାପନା କରାଇଲେ

Join Us-

Download Tech Of World App WtsApp/Call- 8596976190

ENGLISH

Answer the following questions choosing the correct alternatives given (Q.Nos. 61 to 70) :

61. The diagnostic tests help the teacher :
(A) To understand the learner
(B) To know the learners' achievement
(C) To know teaching-learning weakness
(D) To measure the I.Q. of the child

62. Conversation chart is used by the teacher because it develops :
(A) Spoken skills
(B) Vocabulary
(C) Reading skill
(D) Thinking skill

63. With a view to making a language learning more effective, the learner should start learning the skills in the following order :
(A) Reading, writing, speaking, listening
(B) Reading, writing, listening, speaking
(C) Writing, reading listening, speaking
(D) Listening, speaking, reading, writing

64. The teaching of grammar in elementary and secondary stage should aim at :
(A) Giving rules
(B) Writing correctly
(C) Language skills and functions
(D) Speaking correctly

65. In teaching of English the term "Exposition" is related with :
(A) Recapitulation
(B) Presentation
(C) Comprehension
(D) Application

66. Students need to 'brain storm' ideas, organize them, draft, edit and revise their work in a process, which reflects :
(A) Reading skill
(B) Listening skill
(C) Writing skill
(D) Speaking skill

67. The spoken skill out of four Macro skills in a language teaching can be developed through :
(A) Engaging in small talk as confident aggressive learners
(B) Emotionally connecting with learners
(C) Enabling activities with a focus on conversation skills leading to communicative competence
(D) Group activities where learners can talk in which language they would like to

68. In which year the SCERT, Odisha prepared the State Curriculum Framework ?
(A) 2004
(B) 2005
(C) 2006
(D) 2007

69. Evaluation of learners' language skills such as listening, speaking, reading and writing should be made by :
(A) Term end evaluation
(B) Month end evaluation
(C) Unit end evaluation
(D) Continuous and comprehensive evaluation

70. The Right of Children to Free and Compulsory Education Act, 2009 stipulates that learning should be :
(A) Restricted to co-scholastic subject
(B) Through activities in a child-friendly manner
(C) Carefully monitored by frequent testing
(D) Supported by extra coaching

Read the passage carefully and answer the following questions choosing the correct alternatives (Q.No.71 to 75) :

Albert Einstein was in the United States on a lecture tour when Hitler came to power. His friends knew he would not be allowed to continue his work in Germany – and they urged him not to return there. Einstein became a special hate of the Nazis. He decided to remain in America and accepted a position with the Institute for advanced study of Princeton, NJ.

In 1940 Einstein became an American citizen. Einstein never dreamed that his formula published in 1905 would some day be applied to the making of the atomic bomb. In late 1930's scientists learned that the Nazis were working all-out to develop such a bomb. These

Join Us- TOW

Download Tech Of World App WtsApp/Call- 8596976190

scientists appealed to Einstein. They urged him to write to President Roosevelt asking him to set up a great secret project to work on the atomic bomb.

Einstein bent over his desk and began writing to Roosevelt one of the most important letters in American history. And not very long after, with the greatest possible secrecy, the United States began work on the atomic bomb.

71. Albert Einstein became an American citizen as :
(A) He loved America
(B) He loved the Advanced study at Princeton, NJ
(C) His family moved to America
(D) He was a special hate of the Nazis

72. Albert went to America :
(A) To meet President Roosevelt
(B) To make Atomic Bomb
(C) On a lecture tour
(D) To become an American citizen

73. Einstein's important letter to President Roosevelt was to :
(A) Start a war against Hitler
(B) Accept American citizenship
(C) Allow him to set up a project on atomic bomb
(D) Express his gratitude to him

74. His formula published in ..... was applied to make atomic bomb.
(A) 1930
(B) 1940
(C) 1945
(D) 1905

75. Albert became <u>an American citizen.</u> The underlined noun phrase is a / an :
(A) Object
(B) Subject
(C) Complement
(D) Adjunct

Read the poem carefully and answer the questions choosing the correct alternatives given. (Q.No. 76 to 80)

What is this life if, full of care,
We have no time to stand and stare ?
No time to stand beneath the boughs
And stare as long as sheep or cows.
No time to see, when woods we pass,
Where squirrels hide their nuts in grass.
No time to see, in broad day light,
Streams full of stars, like skies at night.
No time to turn at Beauty's glance,
And watch her feet, how they can dance.
No time to wait till her mouth can
Enrich that smile her eyes began.
A poor life this if, full of care,
We have no time to stand and stare.

76. The poet describes our life very poor as :
(A) We have no money
(B) We can't have enough food
(C) We fail to enjoy nature for lack of time
(D) We fail to talk to our friends for lack of time

77. Streams look full of stars :
(A) At night
(B) In broad day light
(C) In the evening
(D) In the morning

78. The smile begins on nature's .....
(A) Lips
(B) Teeth
(C) Eyes
(D) Chin

79. The word 'stare' used in the poem means :
(A) Look angrily
(B) Look fixedly
(C) Look fearfully
(D) Look in a very short time

80. In the line 'what is this life if, full of care' the word 'what' is a / an :
(A) Noun
(B) Pronoun
(C) Adjective
(D) Adverb

Fill in the gaps by choosing the correct alternatives given (Q. Nos. 81 to 90) :

81. My friend Mr. Madan Mohan Mohanty has presented me with a ..... watch on my birthday. (**Note :** *with* must be used here.)
(A) new gold nice
(B) gold new nice
(C) nice gold new
(D) nice new gold

82. I am vexed. My bicycle (always) ..... me trouble. (**not** : troubles)
(A) gives
(B) is giving
(C) gave
(D) has given

Join Us- TOW

Download Tech Of World App WtsApp/Call- 8596976190

83. The passive of "Her behaviour surprised me" is .....
(A) I was surprised by her behaviour
(B) I was surprised in her behaviour
(C) I was surprised at her behaviour
(D) I was surprised for her behaviour

84. The indirect speech of Raman says, "I may sit for the OAS Exam. this year."
(A) Raman said that he might sit for the OAS Exam. that year.
(B) Raman said that he might sit for the OAS Exam. this year
(C) Raman says that he might sit for the OAS Exam. that year
(D) Raman says that he might sit for the OAS Exam. this year

85. John's sister Miss Jill is studying at ..... University in the USA at present. (**not** : in)
(A) a
(B) an
(C) the
(D) no article

86. Which of the following sentences is right ?
(A) Hello, are you fine ?
(B) Hello, Are you fine ?
(C) Hello ! Are you fine ?
(D) Hello ! are you fine ?

87. Amit, Mr. Mohapatra's son, had better ..... Football.
(A) Play
(B) to Play
(C) Played
(D) Playing

88. '*My hands are full*' means : 'I have my hands full' (idiom)
(**not** : My hands are full.)
(A) I am having lots of things to carry
(B) I am having lot of money
(C) I am very busy
(D) I am anxious

89. The bomb blast <u>mutilated</u> the bodies of the victims.
The underlined word means :
(A) Annihilated
(B) Demolished
(C) Mangled
(D) Dismantled

90. After being caught committing forgery the man was <u>put behind bars</u>. The underlined word means :
(A) Arrested
(B) Imprisoned
(C) Restrained
(D) Exiled

SCIENCE

91. ମୋଟ ପରମାଣୁ ସଂଖ୍ୟାକୁ ବିଚାର କରି କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?
(A) $5H_3PO_4$ (B) $8Ca(OH)_2$
(C) $3(NH_4)_2CO_3$ (D) $8HNO_3$

92. କେଉଁଟି ଠିକ୍ ?
(A) ବସ୍ତୁତ୍ୱ ହେଉଛି ଜଡ଼ତ୍ୱର ପରିମାପକ
(B) ଜଡ଼ତ୍ୱ ହେଉଛି ବସ୍ତୁତ୍ୱର ପରିମାପକ
(C) ବସ୍ତୁତ୍ୱ କମାନୀ ନିକିତିରେ ମପାଯାଏ
(D) ଓଜନ ତରାଜୁରେ ମପାଯାଏ

93. କେଉଁ ଯୋଡ଼ାଟି ଠିକ୍ ?
(A) ରବର୍ଟ୍ କକ୍ - ଆନ୍ଥ୍ରାକ୍ସ୍
(B) ଏଡ୍‌ୱାର୍ଡ ଜେନର୍ - କିଣ୍ୱନ
(C) ଲୁଇ ପାଶ୍ଚର୍ - ପେନ୍‌ସିଲିନ୍
(D) ଆଲେକ୍‌ଜାଣ୍ଡର୍ ଫ୍ଲେମିଂ - ବସନ୍ତ

94. ପ୍ରତୀକ ଲେଖିବା ନିୟମ ଅନୁଯାୟୀ କେଉଁଟିର ପ୍ରତୀକ ଅନ୍ୟ ତିନୋଟିଠାରୁ ଭିନ୍ନ ?
(A) କ୍ରୋମିୟମ୍
(B) କାଲ୍‌ସିୟମ୍
(C) କ୍ଲୋରିନ୍
(D) କାଡ୍‌ମିୟମ୍

95. ମୁକ୍ତ ଭାବେ ପତନଶୀଳ ବସ୍ତୁ କ୍ଷେତ୍ରରେ କେଉଁଟି ଅପରିବର୍ତ୍ତିତ ରହେ ?
(A) ପରିବେଗ
(B) ସ୍ଥିତିଜ ଶକ୍ତି
(C) ତ୍ୱରଣ
(D) ସଂବେଗ

Join Us- TOW

Download Tech Of World App WtsApp/Call- 8596976190

96. କେଉଁଟି ଠିକ୍ ନୁହେଁ ?
ଉଦ୍ଭିଦର ବାୟୁ ଉପଜୀବୀ ଶ୍ୱସନ ପ୍ରକ୍ରିୟାର ବେଗ ବୃଦ୍ଧି ହୋଇଥାଏ, ଯଦି
(A) ବାୟୁମଣ୍ଡଳରେ ଅକ୍ସିଜେନ୍‌ର ସାନ୍ଦ୍ରତା ବୃଦ୍ଧି ହୁଏ ।
(B) ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍‌ର ସାନ୍ଦ୍ରତା ବୃଦ୍ଧି ହୁଏ ।
(C) ବାୟୁମଣ୍ଡଳର ତାପମାତ୍ରା 45°Cରୁ ନ ଟପି ବୃଦ୍ଧି ହୁଏ ।
(D) ଉଦ୍ଭିଦରେ ଦ୍ରବଣୀୟ ଶ୍ୱେତସାରର ଗାଢ଼ତା ବୃଦ୍ଧି ହୁଏ ।

97. କେଉଁଟି ଏଲୟ ନୁହେଁ ?
(A) Pb + Sn (B) Au + Cu
(C) Fe + C (D) C + S

98. 2 ସେ.ମି. ବାହୁ ବିଶିଷ୍ଟ ଏକ ସମଘନ ଜଳରେ ସଂପୂର୍ଣ୍ଣ ଭାବେ ବୁଡ଼ିଗଲା । ସମଘନଟିର ଓଜନର ଆଭାସୀ ହ୍ରାସ କେତେ ହେବ ?
(A) 2 ଗ୍ରାମ୍ (B) 4 ଗ୍ରାମ୍
(C) 8 ଗ୍ରାମ୍ (D) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

99. କେଉଁ ଦୁଇଟି ଗ୍ରହର କକ୍ଷପଥ ମଧ୍ୟରେ ଗ୍ରହାଣୁଗୁଡ଼ିକ ସୂର୍ଯ୍ୟ ପରିକ୍ରମା କରିଥାନ୍ତି ?
(A) ବୁଧ ଓ ଶୁକ୍ର (B) ଶୁକ୍ର ଓ ପୃଥିବୀ
(C) ପୃଥିବୀ ଓ ମଙ୍ଗଳ (D) ମଙ୍ଗଳ ଓ ବୃହସ୍ପତି

100. କେଉଁଟି ପ୍ରାଣୀ ଜୀବକୋଷର ଅଂଶ ବିଶେଷ ?
(A) ଲବକ (B) ଖଣିଜ ଲବଣ
(C) ସେଣ୍ଟ୍ରୋଜୋମ୍ (D) କୋଷଭିତ୍ତି

101. ଏକ ବିଦ୍ୟୁତ୍ ବିଶ୍ଳେଷଣରେ 36000 କୁଲମ୍ ଚାର୍ଜ ପ୍ରବାହିତ ହେବାରୁ 10 ଗ୍ରାମ୍ ପଦାର୍ଥ ବିଦ୍ୟୁଦଗ୍ରଠାରେ ଜମା ହେଲା । ପଦାର୍ଥର ବିଦ୍ୟୁତ୍ ରାସାୟନିକ ତୁଲ୍ୟାଙ୍କ କେତେ ହେବ ?
(A) 0.000278 ଗ୍ରାମ୍ / କୁଲମ୍
(B) 0.000876 ଗ୍ରାମ୍ / କୁଲମ୍
(C) 0.001118 ଗ୍ରାମ୍ / କୁଲମ୍
(D) 0.001576 ଗ୍ରାମ୍ / କୁଲମ୍

102. କେଉଁ କେଉଁଟିରେ ବାସ୍ତବ ପ୍ରତିବିମ୍ବ ଗଠିତ ହେବ ?
(A) ଅବତଳ ଦର୍ପଣ ଓ ଅବତଳ ଲେନ୍‌ସ୍
(B) ଅବତଳ ଦର୍ପଣ ଓ ଉତ୍ତଳ ଲେନ୍‌ସ୍
(C) ଉତ୍ତଳ ଦର୍ପଣ ଓ ଉତ୍ତଳ ଲେନ୍‌ସ୍
(D) ଉତ୍ତଳ ଦର୍ପଣ ଓ ଅବତଳ ଲେନ୍‌ସ୍

103. କେଉଁଟି ଅନୁର୍ବର ମାଟି ?
(A) ପାହାଡ଼ିଆ ମାଟି (B) କଳା ମାଟି
(C) ମାଙ୍କଡ଼ା ମାଟି (D) ପଟୁ ମାଟି

104. ଗୋଟିଏ ବସ୍ତୁର ପ୍ରାରମ୍ଭିକ ପରିବେଗ 4 ମି./ସେ. ଥିଲା ଏବଂ ଏହାକୁ 2 ସେକେଣ୍ଡରେ 6 ମି/ସେ² କୁ ତ୍ୱରାନ୍ୱିତ କରାଗଲା । ଏହି ସମୟରେ ବସ୍ତୁଟି କେତେ ମିଟର ଦୂରତା ଅତିକ୍ରମ କରିଥିବ ?
(A) 10 (B) 20
(C) 24 (D) 36

105. ଅମ୍ଳଗୁଡ଼ିକର ଏକ ବର୍ଗୀକରଣ ନିୟମ ଅନୁଯାୟୀ କେଉଁଟି ଅନ୍ୟ ତିନୋଟି ଠାରୁ ଭିନ୍ନ ?
(A) ସଲ୍‌ଫ୍ୟୁରିକ୍ ଅମ୍ଳ (B) ନାଇଟ୍ରିକ୍ ଅମ୍ଳ
(C) ଫସ୍‌ଫରିକ୍ ଅମ୍ଳ (D) ହାଇଡ୍ରୋକ୍ଲୋରିକ୍ ଅମ୍ଳ

106. କୈଶୋର ଅବସ୍ଥାରେ କେଉଁଟିର ଭୂମିକା ଅନ୍ୟଗୁଡ଼ିକର ଭୂମିକା ତୁଳନାରେ ଗୁରୁତ୍ୱପୂର୍ଣ୍ଣ ?
(A) ପିଟ୍ୟୁଟାରୀ ଗ୍ରନ୍ଥି (B) ଲାଳ ଗ୍ରନ୍ଥି
(C) ସ୍ୱେଦ ଗ୍ରନ୍ଥି (D) ତୈଳ ଗ୍ରନ୍ଥି

107. କେଉଁଟି ବିସର୍ପୀ ଘର୍ଷଣ ?
(A) ଗଡ଼ାଣି ଘର୍ଷଣ
(B) ତରଳ ଘର୍ଷଣ
(C) ସ୍ଥିର ଘର୍ଷଣ
(D) ଏଗୁଡ଼ିକ ମଧ୍ୟରୁ କୌଣସିଟି ନୁହେଁ

108. ଜଳରେ ଗ୍ଲୁକୋଜ୍ ମିଶାଇଲେ ତାପଜନିତ ଯେଉଁ ପରିବର୍ତ୍ତନ ଘଟେ, ନିମ୍ନୋକ୍ତ କେଉଁ କ୍ଷେତ୍ରରେ ସେହିଭଳି ପରିବର୍ତ୍ତନ ଘଟେ ?
(A) ଜଳରେ କାଲ୍‌ସିୟମ୍ ଅକ୍ସାଇଡ୍ ମିଶାଇଲେ
(B) ଜଳରେ ତୀବ୍ର ସଲ୍‌ଫ୍ୟୁରିକ୍ ଅମ୍ଳ ମିଶାଇଲେ
(C) ଜଳରେ ଏମୋନିୟମ୍ କ୍ଲୋରାଇଡ୍ ମିଶାଇଲେ
(D) ଜଳରେ ସୋଡ଼ିୟମ୍ କାର୍ବୋନେଟ୍ ମିଶାଇଲେ

109. ଏକ ଧାତବ ଅକ୍ସାଇଡ୍‌ର ସଂକେତ ହେଉଛି MO । ସେହି ଧାତୁର ଫସ୍‌ଫେଟ୍‌ର ସଂକେତ ହେବ :
(A) MOP_4 (B) M_2PO_4
(C) $M_2(PO_4)_3$ (D) $M_3(PO_4)_2$

110. ଯଦି 50N ବଳ 10 କି.ଗ୍ରାମ୍‌ର ଏକ ବସ୍ତୁ ଉପରେ ପ୍ରୟୋଗ କରାଯାଏ, ତେବେ ବସ୍ତୁଟିରେ କେତେ ତ୍ୱରଣ ସୃଷ୍ଟି ହେବ ?
(A) 5 ମି/ସେ² (B) 10 ମି/ସେ²
(C) 20 ମି/ସେ² (D) 25 ମି/ସେ²

Join Us- TOW

Download Tech Of World App WtsApp/Call- 8596976190

111. ବିଜ୍ଞାନ ଶିକ୍ଷାଦାନ ସଂପର୍କିତ ପର୍ଯ୍ୟବେକ୍ଷଣ ପଦ୍ଧତିରେ କେଉଁ ସୋପାନଟି ଗୁରୁତ୍ୱପୂର୍ଣ୍ଣ ?

(A) ଘଟଣା କିମ୍ବା ପରୀକ୍ଷଣ କିମ୍ବା ନମୁନା ସଂପର୍କିତ ସର୍ବାଧିକ ସଂଖ୍ୟକ ତଥ୍ୟ ସଂଗ୍ରହ କରିବା

(B) ସଂଗୃହୀତ ତଥ୍ୟଗୁଡ଼ିକୁ ନିର୍ଭୁଲ୍ ଭାବେ କ୍ରମାନ୍ୱୟରେ ଲିପିବଦ୍ଧ କରିବା

(C) ଲିପିବଦ୍ଧ କରିଥିବା ତଥ୍ୟଗୁଡ଼ିକୁ ନିର୍ଭୁଲ୍‌ଭାବେ ବିଶ୍ଳେଷଣ କରି ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତ ହେବା

(D) ଉପରୋକ୍ତ ସମସ୍ତ ସୋପାନ

112. କେଉଁ ପ୍ରକାର ପ୍ରଶ୍ନରେ ପ୍ରୟୋଗ ସ୍ତରର ପ୍ରଶ୍ନ ପଚରାଯିବାର ଅଧିକ ସୁଯୋଗ ଥାଏ ?

(A) ନିର୍ଣ୍ଣୟାତ୍ମକ ପ୍ରଶ୍ନ

(B) ବିବିଧ ଉତ୍ତର ମୂଳକ ପ୍ରଶ୍ନ

(C) ମେଳକ ପ୍ରଶ୍ନ

(D) ଉପରୋକ୍ତ ସମସ୍ତ ପ୍ରକାର ପ୍ରଶ୍ନ

113. ପ୍ରତ୍ୟକ୍ଷ ଅନୁଭୂତି ବିଜ୍ଞାନ ଶିକ୍ଷାଦାନର କେଉଁ ପଦ୍ଧତିରେ ସମ୍ଭବପର ନୁହେଁ ?

(A) ସର୍ବେକ୍ଷଣ (B) ପର୍ଯ୍ୟବେକ୍ଷଣ

(C) ଆଲୋଚନା (D) ପ୍ରକଳ୍ପ

114. ଏକକ ପରୀକ୍ଷାରେ ସାଧାରଣତଃ କେଉଁ ପ୍ରକାର ପ୍ରଶ୍ନ ପଚରାଯାଏ ନାହିଁ ?

(A) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

(B) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

(C) କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ

(D) ବସ୍ତୁନିଷ୍ଠ ପ୍ରଶ୍ନ

115. କେଉଁଟି ଥିମ୍-ଭିତ୍ତିକ (theme-based) ପାଠ୍ୟ ବିଷୟ ବସ୍ତୁ ?

(A) ସବୁଜ କୋଠରୀ ପ୍ରଭାବ (B) ବାୟୁ ପ୍ରଦୂଷଣ

(C) ଓଜୋନ୍ ଗର୍ତ୍ତ (D) ଅମ୍ଳବୃଷ୍ଟି

116. କେଉଁଟି ଠିକ୍ ?

(A) ବିଜ୍ଞାନ ସମ୍ବନ୍ଧୀୟ ବିଷୟବସ୍ତୁ ପଢ଼ାଇବାବେଳେ ସାମାଜିକ ପରିବେଶ ସହ ସହ-ସମ୍ବନ୍ଧ ରକ୍ଷା କରି ପଢ଼ାଇବା ଉଚିତ୍ ।

(B) ସାମାଜିକ ପରିବେଶ ସମ୍ବନ୍ଧୀୟ ବିଷୟବସ୍ତୁ ପଢ଼ାଇବା ବେଳେ ବିଜ୍ଞାନ ସହ ସହସମ୍ବନ୍ଧ ରକ୍ଷା କରି ପଢ଼ାଇବା ଉଚିତ୍ ।

(C) ଉପରୋକ୍ତ ପଦ୍ଧତିଗୁଡ଼ିକର କୌଣସି ଆବଶ୍ୟକତା ନାହିଁ ।

(D) ଶିକ୍ଷା ଶିକ୍ଷଣ କାର୍ଯ୍ୟକ୍ରମରେ ଉପରୋକ୍ତ ପଦ୍ଧତିଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

117. ଶିକ୍ଷାଦାନ ସମୟରେ କେଉଁ ପ୍ରକାର ମୂଲ୍ୟାୟନ କରାଯାଇଥାଏ ?

(A) ବ୍ୟବସ୍ଥାନ ମୂଲ୍ୟାୟନ

(B) ନିଦାନ ଭିତ୍ତିକ ମୂଲ୍ୟାୟନ

(C) ଗଠନକ୍ଷମ ମୂଲ୍ୟାୟନ

(D) ସାମଗ୍ରିକ ମୂଲ୍ୟାୟନ

118. ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଶିକ୍ଷାଦାନରେ କେଉଁ ପଦ୍ଧତି ଉପଯୋଗୀ ନୁହେଁ ?

(A) ଆରୋହୀ (B) ଅବରୋହୀ

(C) ଆବିଷ୍କାର ମୂଳକ (D) ପ୍ରକଳ୍ପ (ପ୍ରୋଜେକ୍ଟ)

119. କେଉଁଟି ଠିକ୍ ?

(A) ଜୀବ ଜଗତ ଓ ଜଡ଼ ଜଗତ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ବିଜ୍ଞାନ ଅଧ୍ୟୟନର ଏକ ମୁଖ୍ୟ ଲକ୍ଷ୍ୟ ଅଟେ ।

(B) ପରିଭ୍ରମଣ ପଦ୍ଧତି ଅବଲମ୍ବନ କଲେ ବିଜ୍ଞାନ ଅଧ୍ୟୟନ ଅଧିକ ଫଳପ୍ରଦ ହୋଇଥାଏ ।

(C) ଉଭୟ (କ) ଓ (ଖ) ଠିକ୍ ।

(D) ଉଭୟ (କ) ଓ (ଖ) ଭୁଲ୍ ।

120. କେଉଁ ପଦ୍ଧତିଟି ଅନ୍ୟଗୁଡ଼ିକ ତୁଳନାରେ ଅଧିକ ବିଶ୍ୱସନୀୟ ?

(A) କେବଳ ବୋର୍ଡ଼ ପରୀକ୍ଷା ନମ୍ବର (ମାର୍କ)କୁ ଭିତ୍ତି କରି ନିଷ୍ପତ୍ତି ନେବା ।

(B) ଏକକ ପରୀକ୍ଷାଗୁଡ଼ିକର ନମ୍ବର ତ୍ରୈମାସିକ ଓ ଷାଣ୍ମାସିକ ପରୀକ୍ଷାଗୁଡ଼ିକର ନମ୍ବରକୁ ଭିତ୍ତି କରି ନିଷ୍ପତ୍ତି ନେବା ।

(C) କେବଳ ବାର୍ଷିକ ପରୀକ୍ଷା ନମ୍ବରକୁ ନେଇ ନିଷ୍ପତ୍ତି ନେବା ।

(D) ଉପରୋକ୍ତ ସମସ୍ତ ପଦ୍ଧତି ଗ୍ରହଣଯୋଗ୍ୟ ।

Techofworld.In

Join Us- TOW

Download Tech Of World App WtsApp/Call- 8596976190

MATHEMATICS

121. $17 + 16 \div 8 - 6 \times 5$ ର ସରଳୀକୃତ ମାନ କେତେ ?

(A) -11 (B) 11
(C) 57 (D) 3.3

122. 1 ଠାରୁ 20 ମଧ୍ୟରେ କେତେଗୋଟି ଯୌଗିକ ସଂଖ୍ୟା ଅଛି ?

(A) 10 (B) 11
(C) 12 (D) 13

123. $a = -6$, $b = 7$ ଓ $c = 42$ ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସତ୍ୟ ନୁହେଁ ?

(A) $(a + b) + c = a + (b + c)$
(B) $a(bc) = (ab)c$
(C) $a - (b - c) = (a - b) - c$
(D) $(a + b) + c = (a + c) + b$

124. ଭାଜ୍ୟ = a, ଭାଜକ = b, ଭାଗଶେଷ = c (ଯେଉଁଠି b ଦ୍ୱାରା a ବିଭାଜ୍ୟ ନୁହେଁ) ହେଲେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ?

(A) $c = 0$ (B) $c > 0$
(C) $c < b$ (D) $0 < c < b$

125. କେଉଁ ଚାରୋଟି ସଂଖ୍ୟା ସମାନୁପାତୀ ?

(A) 2, 3, 42, 63 (B) 4, 5, 6, 8
(C) 10, 20, 30, 40 (D) 15, 30, 45, 75

126. $3\frac{7}{8}$ ଓ $11\frac{2}{5}$ ର ଗୁଣଫଳ କେତେ ?

(A) $33\frac{14}{40}$ (B) $44\frac{7}{40}$
(C) $11\frac{1}{10}$ (D) କୌଣସିଟି ନୁହେଁ

127. $-m^2 + 3mn - 2n^2$ରୁ $m^2 + 3mn - 2n^2$ ବିୟୋଗ କଲେ ବିୟୋଗ ଫଳ କେତେ ?

(A) $6\,mn$ (B) $2m^2 - 4n^2$
(C) $-2m^2$ (D) $6mn - 4n^2$

128. $3y - 7 = 8$ ର କେତୋଟି ମୂଳ ଅଛି ?

(A) 1 (B) $\frac{1}{3}$
(C) 5 (D) କୌଣସିଟି ନୁହେଁ

129. ଏକ କାରଖାନାର କାର୍ଯ୍ୟରତ 76 ଜଣ ଶ୍ରମିକ ମଧ୍ୟରୁ 10 ଜଣ ଶ୍ରମିକ ଅନ୍ୟତ୍ର ଚାଲିଗଲେ କାରଖାନାରେ ଶତକଡ଼ା କେତେ ଶ୍ରମିକ ରହିଲେ ?

(A) 12 (B) 14
(C) 86 (D) କୌଣସିଟି ନୁହେଁ

130. $a^4 = \frac{16}{81}$ ହେଲେ, a ର ମାନ କେତେ ?

(A) $\pm\frac{2}{3}$ (B) $\frac{2}{3}$
(C) $-\frac{2}{3}$ (D) 4

131. ଗୋଟିଏ ଦ୍ରବ୍ୟର ଲିଖିତ ମୂଲ୍ୟ 380 ଟଙ୍କା । ଯଦି ଏହା ଉପରେ 5 % ରିହାତି ଦିଆଯାଏ, ତେବେ ରିହାତି କେତେ ?

(A) 10 ଟଙ୍କା (B) 19 ଟଙ୍କା
(C) 38 ଟଙ୍କା (D) 361 ଟଙ୍କା

132. ଗୋଟିଏ ଆୟତକ୍ଷେତ୍ରର କ୍ଷେତ୍ରଫଳ 0.036 ବର୍ଗମିଟର ଓ ଏହାର ଦୈର୍ଘ୍ୟ 0.3 ମିଟର ହେଲେ ପ୍ରସ୍ଥ କେତେ ?

(A) 120 ସେ.ମି. (B) 12 ସେ.ମି.
(C) 0.012 ମିଟର (D) 1.2 ମିଟର

133. ଦୁଇଟି ପ୍ରତୀପ କୋଣର କେତୋଟି ସାଧାରଣ ବାହୁ ଥାଏ ?

(A) 0 (B) 1
(C) 2 (D) 4

134. କେଉଁ କୋଣ ଯୋଡ଼ା ପରସ୍ପର ପରିପୂରକ ହୋଇପାରିବେ ନାହିଁ ?

(A) ସୂକ୍ଷ୍ମକୋଣ, ସୂକ୍ଷ୍ମକୋଣ
(B) ସମକୋଣ, ସମକୋଣ
(C) ସ୍ଥୂଳକୋଣ, ସୂକ୍ଷ୍ମକୋଣ
(D) କୌଣସିଟି ନୁହେଁ

135. ΔABCରେ $a = 8.9$ ସେ.ମି. ଓ $b = 3.6$ ସେ.ମି. ହେଲେ c କେତେ ହୋଇପାରେ ?

(A) 5.3 ସେ.ମି. (B) 12.5 ସେ.ମି.
(C) 4.9 ସେ.ମି. (D) 11.5 ସେ.ମି.

136. ABCD ସାମାନ୍ତରିକ ଚିତ୍ରରେ $m\angle A = x + 30°$ ଓ $m\angle D = 3x - 20°$ ହେଲେ, $m\angle C$ କେତେ ହେବ ?

(A) $42\frac{1°}{2}$ (B) $72\frac{1°}{2}$
(C) 85° (D) 145°

137. ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ 16 ସେ.ମି. ଓ ପ୍ରସ୍ଥ 12 ସେ.ମି. ହେଲେ, ଏହାର କର୍ଣ୍ଣ ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 20 (B) 256
(C) 144 (D) 400

Join Us- TOW

Download Tech Of World App WtsApp/Call- 8596976190

138. ଜଣେ ବ୍ୟକ୍ତି ତାଙ୍କ ଘରୁ ବାହାରି ଉତ୍ତର-ପୂର୍ବ ଦିଗରେ 13 କି.ମି. ଯାଇ ସେଠାରୁ ଦକ୍ଷିଣ ଦିଗରେ 12 କି.ମି. ଗଲେ । ବର୍ତ୍ତମାନ ସେ ଘରଠାରୁ କେଉଁ ଦିଗରେ ଏବଂ କେତେ ଦୂରରେ ଅଛନ୍ତି ?

(A) ଉତ୍ତର-ପୂର୍ବ ଦିଗ, 1 କି.ମି.

(B) ଦକ୍ଷିଣ, 5 କି.ମି.

(C) ପୂର୍ବ, 5 କି.ମି.

(D) ଉତ୍ତର, 1 କି.ମି.

139. ତିନି ଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟାର ଶତକ, ଦଶକ ଓ ଏକକ ସ୍ଥାନୀୟ ଅଙ୍କଗୁଡ଼ିକ ଯଥାକ୍ରମେ a, b ଓ c, ଯେଉଁଠାରେ $a > c$ । ଯଦି ସଂଖ୍ୟାଟିକୁ ଓଲଟାଇ ଲେଖି ମୂଳ ସଂଖ୍ୟାରୁ ବିୟୋଗ କରାଯାଏ, ତେବେ ବିୟୋଗଫଳ କେତେ ହେବ ?

(A) 0 (B) 99

(C) $99(a-c)$ (D) $(c-a)$

140. $(x^2 - 2x^5 + 3x + 5)$ ଓ $(7 + 2x^3 - 4x^5 + 8x)$ର ଗୁଣଫଳର ଘାତ କେତେ ?

(A) $8x^{10}$ (B) x^{10}

(C) 10 (D) 5

141. ଜଣେ ଛାତ୍ର $\frac{3}{8}$ ଓ $\frac{3}{5}$ ଭଗ୍ନାଂଶ ଦ୍ୱୟକୁ ତୁଳନା କରି କହିଲେ ଯେ, $\frac{3}{8}$, $\frac{3}{5}$ ଅପେକ୍ଷା ବୃହତ୍ତର । ଏଥିରୁ ଜଣାପଡ଼ିଲା ଯେ ଛାତ୍ରଜଣଙ୍କର :

(A) ଭଗ୍ନାଂଶ ସମ୍ବନ୍ଧୀୟ ଜ୍ଞାନ ଅଛି

(B) ଭଗ୍ନାଂଶର ଲବ ଓ ହର ଦ୍ୱୟ ବିଷୟରେ ଜ୍ଞାନ ଅଛି

(C) ସମହର ଓ ସମଲବ ବିଶିଷ୍ଟ ଭଗ୍ନାଂଶ ବିଷୟରେ ଧାରଣା ନାହିଁ

(D) ଭଗ୍ନାଂଶଗୁଡ଼ିକୁ ଭଲ ଭାବରେ ଅଭ୍ୟାସ କରିଛି

142. ଜଣେ ଦକ୍ଷ ଗଣିତ ଶିକ୍ଷକ :

(A) ଗାଣିତିକ ସୂତ୍ର ମନେରଖି ପାରନ୍ତି

(B) କମ୍ ସମୟରେ ସମାଧାନ କରି ପାରନ୍ତି

(C) ଉତ୍ତର କରିବାର କୌଶଳ ଜାଣନ୍ତି

(D) ପିଲାମାନଙ୍କୁ ଗାଣିତିକ ସୂତ୍ର ମନେରଖିବାକୁ କୁହନ୍ତି ।

143. ଭିନ୍ନ ଭିନ୍ନ କ୍ଷେତ୍ରରେ ପରୀକ୍ଷଣ କରି ଏକ ସାଧାରଣ ସତ୍ୟରେ ଉପନୀତ ହେବାକୁ କେଉଁ ପଦ୍ଧତି କୁହାଯାଏ ?

(A) ଆରୋହ (B) ଅବରୋହ

(C) ବିଶ୍ଳେଷଣ (D) ସଂଶ୍ଳେଷଣ

144. ଷଷ୍ଠ ଓ ସପ୍ତମ ଶ୍ରେଣୀର ଜ୍ୟାମିତିକ ପ୍ରମାଣ ନିମ୍ନୋକ୍ତ କେଉଁ ପଦ୍ଧତିରେ କରାଯାଇ ଥାଏ ?

(A) ବିଶ୍ଳେଷଣ (B) ସଂଶ୍ଳେଷଣ

(C) ଆରୋହ (D) ଅବରୋହ

145. ଗୋଟିଏ ଗଣିତ ପ୍ରଶ୍ନକୁ ଛୋଟ ଛୋଟ ଅଂଶରେ ପରିଣତ କରି ବିଭାଜିତ ଅଂଶମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବାକୁ କେଉଁ ପଦ୍ଧତି କୁହାଯାଏ ?

(A) ସଂଶ୍ଳେଷଣ (B) ବିଶ୍ଳେଷଣ

(C) ସିଦ୍ଧାନ୍ତୀକରଣ (D) ଅବରୋହଣ

146. କେଉଁଟି ଅନ୍ୟ ତିନୋଟିଠାରୁ ପୃଥକ୍ ?

(A) ମୋଟା - ପତଳା (B) ଡେଙ୍ଗା - ଗେଡ଼ା

(C) ବଡ଼ - ଛୋଟ (D) ଉପର - ତଳ

147. ଶିକ୍ଷାଦାନର କେଉଁ ସୋପାନ ପାଇଁ ଗୋଟିଏ ପିରିଅଡ୍‌ରେ ଅଧିକ ସମୟର ବ୍ୟବସ୍ଥା ଥାଏ ?

(A) ଉପକ୍ରମ (B) ମୂଲ୍ୟାୟନ

(C) ଉପସ୍ଥାପନା (D) କୌଣସିଟି ନୁହେଁ

148. ନିମ୍ନଲିଖିତ ଶିକ୍ଷାଦାନ ଉପକରଣଗୁଡ଼ିକ ମଧ୍ୟରୁ କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?

(A) ଡୋମିନୋ

(B) ଭଗ୍ନାଂଶ ଚକି

(C) ନେପିଅର ଖଣ୍ଡ

(D) ସମଘନ

149. କୌଣସି ଏକ ପଦାର୍ଥକୁ 4 ସମାନ ଭାଗ କରି ସେଥିରୁ 3 ଭାଗ ନିଆଗଲା । ଏହି ଉକ୍ତିଟିକୁ ସାଂକେତିକ ଭାବେ $\frac{3}{4}$ ରୂପେ ଜଣେ ଛାତ୍ର ଲେଖି ପାରିଲା – ଏଥିରୁ ଜଣାଗଲା ଯେ, ଛାତ୍ରଟି :

(A) ସାଙ୍କେତିକ ଚିହ୍ନକୁ ଉକ୍ତିରେ ପ୍ରକାଶ କରିପାରୁଛି

(B) ଗାଣିତିକ ଉକ୍ତିକୁ ସାଂକେତିକ ଭାବେ ପ୍ରକାଶ କରିପାରୁଛି

(C) ଭଗ୍ନାଂଶର ଲବ-ହର ଚିହ୍ନି ପାରୁଛି

(D) ପରିମେୟ ସଂଖ୍ୟା ସଂପର୍କରେ ବୁଝି ପାରିଛି

150. ଗଣିତ ଶିକ୍ଷାଦାନରେ ସାମଗ୍ରିକ ମୂଲ୍ୟାୟନ କେଉଁ ପଦ୍ଧତି ଦ୍ୱାରା କରାଯାଇଥାଏ ?

(A) କ୍ରମୋନ୍ନତି ମୂଲ୍ୟାୟନ

(B) ଉପଲବ୍ଧି ପରୀକ୍ଷଣ

(C) ପ୍ରବଣତା ପରୀକ୍ଷଣ

(D) ବ୍ୟବସ୍ଥାନ ପରୀକ୍ଷଣ

Join Us- TOW